# ତହସିଲଦାର, କର୍ଲାମୁଣ୍ଡା ଙ୍କ ଅଦାଲତ

## ଇସ୍ତାହାର

D.R କେସ ନଂ-୧୨/୨୦୨୪, ପି.ଆର. ନଂ-

ଏତତଦ୍ୱାରା ଲେଗେଡା ଗ୍ରାମର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ତଫସିଲଭୁକ୍ତ ଜମିକୁ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଆଦେଶ ସଂଖ୍ୟା- ୨୫୩୦, ତା. ୦୭.୧୨.୨୦୨୪ ମୁତାବକ ଅଣସଂରକ୍ଷିତ କରାଯାଇ ସମବାୟ ବିଭାଗ, ଓଡିଶା ସରକାର, ପ୍ରାଥମିକ ସମବାୟ ସମିତି, ଲେଗେଡା କୁ ଲିଜ ସୂତ୍ରରେ ହସ୍ତାନ୍ତରିତ କରିବା ପାଇଁ ସ୍ଥିର କରାଯାଇ ଅଛି ।

ଏଥିରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଟ. ୨୦.୦୦ ମୂଲ୍ୟର କୋର୍ଟ ଫି ସହ ଲିଖିତ ଆକାରରେ ଦାଖଲ କଲେ ତାହା ବିଚାରକୁ ନିଆଯିବ । ଧାର୍ଯ୍ୟ ସମୟପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ଜମିର ବିବରଣୀ

| ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା |
|---|---|---|---|---|
| ଲେଗେଡା | ୩୯୬ (ରକ୍ଷିତ) | ୧୧୩୯ | ଗୋଚର | ଏ ୧.୭୬ ଡ଼ି ରୁ ଏ ୧.00 ଡ଼ି |
| | | | ୧ ପ୍ଲଟ | ଏ ୧.00 ଡ଼ି |

ତହସିଲଦାର, କର୍ଲାମୁଣ୍ଡା

ତହସିଲଦାର
କର୍ଲାମୁଣ୍ଡା

ବି.ଦ୍ର- ଏଥି ସହ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଉପରୋକ୍ତ ଆଦେଶ ସଂଖ୍ୟା- ୨୫୩୦, ତା. ୦୭.୧୨.୨୦୨୪ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସଂଲଗ୍ନ କରାଗଲା ।

ପରିପତ୍ର ସଂଖ୍ୟା- 1932 ତା- 12.12.2024

ଏହାର ଏକକିତା ନକଲ ଲେଗେଡା ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଯନ୍ତ୍ରଦ୍ୱାରା ଘୋଷଣା କରି ଗ୍ରାମର ର ଏକ ପ୍ରକାଶ୍ୟ ସ୍ଥଳରେ ସାକ୍ଷୀ ମାନଙ୍କ ଉପସ୍ଥିତିରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ଦିଆଗଲା , ଅନ୍ୟ ଏକକିତା ନକଲ କଳାହାଣ୍ଡି ଜିଲ୍ଲା ୱେବସାଇଟ /ସମ୍ପୃକ୍ତ ଗ୍ରାମପଞ୍ଚାୟତ ଲେଗେଡା / ରାଜସ୍ୱ ନିରୀକ୍ଷକ, ଯୋରାଡବରା / ତହସିଲ କାର୍ଯ୍ୟାଳୟ କର୍ଲାମୁଣ୍ଡା ର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, କର୍ଲାମୁଣ୍ଡା

ତହସିଲଦାର
କର୍ଲାମୁଣ୍ଡା